# NATIONAL NEWS BULLETIN (ODIA)

## 29 March - 2025

## Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀରେ ଆଜି ପରିବେଶ ସଂପର୍କିତ ଜାତୀୟ ସମ୍ମିଳନୀକୁ ଉଦ୍‌ଘାଟନ କରିବେ ରାଷ୍ଟ୍ରପତି

- କେନ୍ଦ୍ର କ୍ୟାବିନେଟ୍‌ର ଅନୁମୋଦନ ଲାଭ କଲା ବିହାରର କୋଶୀ-ମେଚି ଆନ୍ତଃରାଜ୍ୟ ସଂଯୋଗୀକରଣ ପ୍ରକଳ୍ପ, ନିଷ୍ପତ୍ତିକୁ ପ୍ରଶଂସା କଲେ ପ୍ରଧାନମନ୍ତ୍ରୀ

- ଆଜିଠାରୁ ଦୁଇଦିନିଆ ବିହାର ଗସ୍ତରେ ଯାଉଛନ୍ତି ସ୍ୱରାଷ୍ଟ୍ରମନ୍ତ୍ରୀ

- ଭୂମିକମ୍ପ ପ୍ରଭାବିତ ମ୍ୟାଁମାରକୁ ୧୫ ଟନ୍ ରିଲିଫ୍ ସାମଗ୍ରୀ ପଠାଇଲା ଭାରତ

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଗତକାଲି ଚେନ୍ନାଇ ସୁପର୍ କିଙ୍ଗ୍‌ସକୁ ପରାସ୍ତ କଲା ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ

# ପ୍ରେଜ୍-ଏନ୍‌ଜିଟି କନ୍‌ଫରେନ୍ସ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନୂଆଦିଲ୍ଲୀରେ ଆଜି ପରିବେଶ ସଂପର୍କିତ ଜାତୀୟ ସମ୍ମିଳନୀ-୨୦୨୫କୁ ଉଦ୍‌ଘାଟନ କରିବେ । ଦୁଇଦିନ ଧରି ଚାଲିବାକୁ ଥିବା ଏହି ସମ୍ମିଳନୀରେ ପରିବେଶ ବିଶେଷଜ୍ଞ, ନୀତି ନିର୍ଦ୍ଧାରକ ଏବଂ ସାମାଜିକ କର୍ମୀ ମିଳିତ ହୋଇ ପରିବେଶ ସଂପର୍କିତ ଆହ୍ୱାନ ଗୁଡ଼ିକର ମୁକାବିଲା ଦିଗରେ ଆଲୋଚନା କରିବା ସହ ଏକ ସମାଧାନର ପନ୍ଥା ପ୍ରସ୍ତୁତ କରିବେ । ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ୍ ପକ୍ଷରୁ ଆୟୋଜିତ ଏହି ସମ୍ମିଳନୀରେ ୪ଟି ପ୍ରମୁଖ  ପ୍ରସଙ୍ଗ ଆଧାରିତ ଅଧିବେଶନ ଅନୁଷ୍ଠିତ ହେବ । ଜଳବାୟୁ ପରିବର୍ତ୍ତନ, ପ୍ରଦୂଷଣ ନିୟନ୍ତ୍ରଣ, ଜୈବ ବିବିଧତା ସଂରକ୍ଷଣ ଏବଂ ନିରନ୍ତର ବିକାଶ ଉପରେ ଏହି ଅଧିବେଶନ ଗୁଡ଼ିକ ଅନୁଷ୍ଠିତ ହେବ । ଭାରତ ଏବଂ ବିଶ୍ୱସ୍ତରରେ ପରିବେଶ ସ୍ଥାୟିତ୍ୱ ପ୍ରୋତ୍ସାହନ ପ୍ରଦାନ କରିବା ହେଉଛି ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ।

# ପିଏମ୍-କ୍ୟାବିନେଟ୍

ବିହାରର କୋଶୀ-ମେଚି ଆନ୍ତଃରାଜ୍ୟ ସଂଯୋଗୀକରଣ ପ୍ରକଳ୍ପକୁ **PMKSY-AIBP** ଯୋଜନା ଅଧୀନରେ ଅନ୍ତର୍ଭୁକ୍ତ କରିବା ଏବଂ ପାଟନା ଶାଶାରାମ କରିଡର ପ୍ରକଳ୍ପକୁ ୪ ଲେନ୍ ବିଶିଷ୍ଟ କରିବା ନେଇ କ୍ୟାବିନେଟ୍ ନିଷ୍ପତ୍ତିକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଶଂସା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ବିହାରର ସର୍ବାଙ୍ଗୀନ

ବିକାଶ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ । ପ୍ରଧାନମନ୍ତ୍ରୀ କୃଷି ଜଳସେଚନ ଯୋଜନାରେ କୋଶୀ-ମେଚି ଆନ୍ତଃରାଜ୍ୟ ସଂଯୋଗୀକରଣ ପ୍ରକଳ୍ପକୁ ଅନୁମୋଦନ ମିଳିଛି । ଏହାଦ୍ୱାରା ବହୁ ଅଞ୍ଚଳ ଜଳସେଚିତ ହୋଇପାରିବ ବୋଲି ଶ୍ରୀ ମୋଦୀ କହିଛନ୍ତି ।  ସେ କହିଛନ୍ତି ୪ ଲେନ୍ ବିଶିଷ୍ଟ ପାଟନା-ଆରା-ଶାଶାରାମ କରିଡର ବିହାରର ଆଞ୍ଚଳିକ ଉନ୍ନତି ପାଇଁ ବେଶ୍ ସହାୟକ ହେବ ।

ଅନ୍ୟପକ୍ଷରେ ନୂଆଦିଲ୍ଲୀଠାରେ ଗତକାଲି କ୍ୟାବିନେଟ୍ ନିଷ୍ପତ୍ତି ସଂପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, କୋଶି-ମେଚି ଅନ୍ତଃ ରାଜ୍ୟ ସଂଯୋଗୀକରଣ ପ୍ରକଳ୍ପ  ମାଧମରେ ବିହାରର ଆରାରିଆ, ପୁର୍ଣ୍ଣିଆ, କିଶନ୍‌ଗଞ୍ଜ ଓ କଟିହାର ଜିଲ୍ଲାର ୨ ଲକ୍ଷ ୧୦ ହଜାର ହେକ୍ଟରରୁ ଅଧିକ ଚାଷ ଜମିକୁ ଖରିଫ୍ ଋତୁରେ ଜଳସେଚିତ କରାଯାଇପାରିବ ।

ସେ କହିଛନ୍ତି ୧୨୦ କିଲୋମିଟର ଦୀର୍ଘ ପାଟନା-ଆରା-ଶାଶାରାମ କରିଡର ପାଇଁ ୩ ହଜାର ୭୧୨ କୋଟି ଟଙ୍କାର ବ୍ୟୟ ଅଟକଳକୁ କ୍ୟାବିନେଟ୍ ମଂଜୁରୀ ପ୍ରଦାନ କରିଛି ।

**V/O**

କ୍ୟାବିନେଟ୍ ବୈଠକରେ ଖରିଫ୍ ୨୦୨୫ ଲାଗି ଫସ୍‌ଫେଟିକ୍ ଏବଂ ପୋଟାସିକ୍ ସାର ଲାଗି ପୁଷ୍ଟିଭିତ୍ତିକ ରିହାତି ଦର ସମ୍ପର୍କିତ ପ୍ରସ୍ତାବକୁ

ମଞ୍ଜୁରୀ ପ୍ରଦାନ କରାଯାଇଛି । ଏହାଦ୍ୱାରା ଚାଷୀମାନେ ବିଶେଷ ଉପକୃତ ହୋଇପାରିବେ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

କେନ୍ଦ୍ର ସରକାରୀ କର୍ମଚାରୀଙ୍କ ଲାଗି ୨ ପ୍ରତିଶତ ମହଙ୍ଗାଭତ୍ତା ବୃଦ୍ଧିକୁ କେନ୍ଦ୍ର କ୍ୟାବିନେଟ୍ ମଂଜୁରୀ ପ୍ରଦାନ କରିଛି । ପେନ୍‌ସନ୍‌ଭୋଗିଙ୍କ ଲାଗି ମଧ୍ୟ ଅନୁରୂପ ଭାବେ ୨ ପ୍ରତିଶତ ବୃଦ୍ଧି କରାଯାଇଛି । ଏହା ଚଳିତ ବର୍ଷ ଜାନୁଆରୀ ୧ ତାରିଖରୁ ପିଛିଲା ଭାବେ ଲାଗୁ ହେବ । ଏହାଦ୍ୱାରା ୪୮ ଲକ୍ଷ ୬୬ ହଜାର କେନ୍ଦ୍ର ସରକାରୀ କର୍ମଚାରୀ ଏବଂ ୬୬ଲକ୍ଷ ୫୫ ହଜାର ପେନ୍‌ସନ୍‌ଭୋଗି ଉପକୃତ ହୋଇପାରିବେ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

## ପିଏମ୍-ମହାରାଷ୍ଟ୍ର

ପ୍ରଧାନନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ମହାରାଷ୍ଟ୍ର ଓ ଛତିଶଗଡ଼ ଗସ୍ତ କରିବେ । ମହାରାଷ୍ଟ୍ର ଗସ୍ତ କାଳରେ ପ୍ରଧାନମନ୍ତ୍ରୀ ନାଗପୁର ଯାଇ ସ୍ମୃତି ମନ୍ଦିର ଦର୍ଶନ କରିବେ । ଏହାପରେ ସେ ଦୀକ୍ଷାଭୂମି ଯିବେ। ପରେ ନାଗପୁରଠାରେ ମାଧବ ନେତ୍ରାଳୟ ପ୍ରିମିୟମ୍ ସେଣ୍ଟରର ଶିଳାନ୍ୟାସ କରିବେ ଏବଂ ସେଠାରେ ଏକ ସାଧାରଣ ସଭାକୁ ସମ୍ବୋଧନ କରିବେ । ଶ୍ରୀ ମୋଦୀ ମଧ୍ୟ ଏକ ଟେଷ୍ଟିଂ ରେଞ୍ଜ୍‌ର ଉଦ୍‌ଘାଟନ କରିବେ ଏବଂ ସୋଲାର ଡିଫେନ୍ସ ଏବଂ ଏରୋସ୍ପେସ୍ ଲିମିଟେଡ୍‌ର ରନ୍‌ୱେ ସୁବିଧାର ଶୁଭ ଉଦ୍‌ଘାଟନ କରିବେ । ମହାରାଷ୍ଟ୍ର ଗସ୍ତ ସାରି ପ୍ରଧାନମନ୍ତ୍ରୀ ଛତିଶଗଡ଼ର ବିଳାସପୁର  ଯିବେ ଏବଂ ସେଠାରେ ୩୩ ହଜାରରୁ ଊର୍ଦ୍ଧ୍ୱ କୋଟି ଟଙ୍କା ମୂଲ୍ୟର ବିଭିନ୍ନ ବିକାଶମୂଳକ ପ୍ରକଳ୍ପକୁ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ

କରିବେ । ପ୍ରଧାନମନ୍ତ୍ରୀ ସେଠାରେ ସାଧାରଣ ଜନତାଙ୍କୁ ମଧ୍ଯ ଉଦ୍‌ବୋଧନ ଦେବାର କାର୍ଯ୍ୟସୂଚୀ ରହିଛି ।

## ଶାହା-ବିହାର ଭିଜିଟ୍

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଆଜିଠାରୁ ଦୁଇଦିନିଆ ବିହାର ଗସ୍ତରେ ଯାଉଛନ୍ତି । ଗୋପାଳଗଞ୍ଜଠାରେ ଏକ ସାଧାରଣ ସଭାକୁ ସମ୍ବୋଧନ କରିବା ସହ ପାଟନାଠାରେ ରାଜ୍ୟସ୍ତରୀୟ ସମବାୟ ସମ୍ମିଳନୀ ସମେତ ବିଭିନ୍ନ କାର୍ଯ୍ୟକ୍ରମରେ ଶ୍ରୀ ଶାହା ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ପାଟନାରେ ସନ୍ଧ୍ୟାରେ ପହଞ୍ଚିବା ପରେ ଲୋକସଭା ଏବଂ ରାଜ୍ୟସଭା ସଦସ୍ୟ, ଦଳୀୟ ବିଧାୟକ ଓ ଅନ୍ୟାନ୍ୟ ଦଳୀୟ କର୍ମକର୍ତ୍ତାଙ୍କ ସହ ଏକ ବୈଠକରେ ଯୋଗଦେବେ । ଦଳର ରାଜ୍ୟଶାଖା କୋର୍ କମିଟି ବୈଠକରେ ମଧ୍ୟ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ଶ୍ରୀ ଶାହା ଆସନ୍ତାକାଲି ରାଜ୍ୟସ୍ତରୀୟ ସମବାୟ ସମ୍ମିଳନୀରେ ଯୋଗଦେବା ଅବସରରେ ୮ଶହ କୋଟିରୁ ଅଧିକ ଟଙ୍କାର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରିବେ । ଏହି ସମ୍ମିଳନୀରେ ୭ ହଜାରରୁ ଅଧିକ ପ୍ରତିନିଧି ଯୋଗ ଦେବେ ।

## ମ୍ୟାଁମାର-ସହାୟତା

ଭାରତ ମ୍ୟାଁମାରକୁ ପାଖାପାଖି ୧୫ ଟନ୍ ରିଲିଫ ସାମଗ୍ରୀ ପଠାଇଛି । ମ୍ୟାଁମାରରେ ଭୂମିକମ୍ପ ପ୍ରଭାବିତ ଅଞ୍ଚଳ ପାଇଁ ଏହି ସହାୟତା

ପ୍ରଦାନ କରାଯାଇଛି । ବାୟୁସେନାର ଏକ ବିମାନ ଯୋଗେ ହିଣ୍ଡନ ବାୟୁସେନା ବିମାନ ବନ୍ଦରରୁ ଏହି ରିଲିଫ୍ ସାମଗ୍ରୀ ମ୍ୟାଁମାରକୁ ପଠାଯାଇଛି । ଏଥିରେ ଟେଣ୍ଟ୍, କମ୍ବଳ, ରନ୍ଧାଖାଦ୍ୟ, ଜେନେରେଟର ସେଟ୍ ଆଦି ରହିଛି । ଏହା ବ୍ୟତୀତ ଔଷଧ ଓ ଗୁରୁତ୍ୱପୂର୍ଣ୍ଣ ଚିକିତ୍ସା ଉପକରଣ ପଠାଯାଇଛି । ମ୍ୟାଁମାର ଏବଂ ଥାଇଲ୍ୟାଣ୍ଡ ଭୂମିକମ୍ପକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଚିନ୍ତା ପ୍ରକଟ କରିଛନ୍ତି ।

ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ ଉଭୟ ଦେଶର ନାଗରିକଙ୍କ ସୁରକ୍ଷା ପାଇଁ ପ୍ରାର୍ଥନା କରିଛନ୍ତି । ଭାରତ ସମସ୍ତ ସମ୍ଭାବ୍ୟ ସହାୟତା ପ୍ରଦାନ କରିବାକୁ ପ୍ରସ୍ତୁତ ବୋଲି ସେ କହିଛନ୍ତି । ଉଭୟ ଦେଶ ସହ ଯୋଗାଯୋଗ ରକ୍ଷାକରି ପରିସ୍ଥିତି ଉପରେ ନଜର ରଖିବାକୁ ଶ୍ରୀ ମୋଦୀ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦେଇଛନ୍ତି । ବୈଦେଶିକ ସଚିବ ବିକ୍ରମ ମିଶ୍ରି କହିଛନ୍ତି, ମ୍ୟାଁମାର କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ ରକ୍ଷା କରାଯାଇ ଏହି ରିଲିଫ୍ ସାମଗ୍ରୀ ପଠାଯାଇଛି ।

ସୂଚନାଯୋଗ୍ୟ ଗତକାଲି ମ୍ୟାଁମାର ଏବଂ ଥାଇଲ୍ୟାଣ୍ଡରେ ଶକ୍ତିଶାଳୀ ଭୂମିକମ୍ପ ଯୋଗୁଁ ବହୁ କ୍ଷୟକ୍ଷତି ହେବା ସହ ମ୍ୟାଁମାରରେ ୧୪୪ ଜଣଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ଥାଇଲ୍ୟାଣ୍ଡର ରାଜଧାନୀ ବ୍ୟାଙ୍କକ୍‌ରେ ଏକ ନିର୍ମାଣାଧୀନ କୋଠା ଭୁଶୁଡ଼ି ପଡ଼ିବାରୁ ୧୦ଜଣଙ୍କର ମୃତ୍ୟୁ ହୋଇଛି ।

# ପିଏମ୍‌-ଭିଜିଟ୍‌

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଷଷ୍ଠ ବିମ୍‌ଷ୍ଟେକ୍‌ ସମ୍ମିଳନୀରେ ଯୋଗଦେବା ଲାଗି ଆସନ୍ତା ମାସ ୩ ତାରିଖରୁ ବ୍ୟାଙ୍କକ୍‌କୁ ୨ ଦିନିଆ ଗସ୍ତରେ ଯିବେ । ବୈଦେଶିକ ମନ୍ତ୍ରଣାଳୟର ପୂର୍ବ ବ୍ୟାପାର ସଚିବ ଜୟଦୀପ ମଜୁମ୍‌ଦାର୍‌ ନୂଆଦିଲ୍ଲୀଠାରେ ଗତକାଲି ଏ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ଥାଇଲ୍ୟାଣ୍ଡକୁ ଏହା ହେବ ପ୍ରଧାନମନ୍ତ୍ରୀଙ୍କ ତୃତୀୟ ଗସ୍ତ ।

ଥାଇଲ୍ୟାଣ୍ଡ ପ୍ରଧାନମନ୍ତ୍ରୀ ପାଇଟୋଙ୍ଗ୍‌ଟାମ୍‌ ସିନାୱାର୍ଟାଙ୍କ ନିମନ୍ତ୍ରଣକ୍ରମେ ଶ୍ରୀ ମୋଦୀ ଏହି ଗସ୍ତରେ ଯିବେ । ଏହି ଗସ୍ତ କାଳରେ ସେ ବିମ୍‌ଷ୍ଟେକ୍‌ ନେତାମାନଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବେ । ଭାରତ ଓ ଥାଇଲ୍ୟାଣ୍ଡ ମଧ୍ୟରେ ଏକ ଐତିହାସିକ ଦ୍ୱିପକ୍ଷିୟ ସମ୍ପର୍କ ସହିତ ସଶକ୍ତ ସାଂସ୍କୃତିକ ଏବଂ ଧାର୍ମିକ ବନ୍ଧନ ମଧ୍ୟ ରହିଛି । ଥାଇଲ୍ୟାଣ୍ଡ ହେଉଛି ଭାରତର ସାମୁଦ୍ରିକ ପଡ଼ୋଶୀ ଦେଶ । ଆକ୍ଟ ଇଷ୍ଟ ପଲିସି, ଭାରତ-ପ୍ରଶାନ୍ତ ମହାସାଗରୀୟ ଦୃଷ୍ଟିକୋଣ ଏବଂ ବିମ୍‌ଷ୍ଟେକ୍‌ରେ ଥାଇଲ୍ୟାଣ୍ଡ ଭାରତର ଏକ ଗୁରୁତ୍ୱପୂର୍ଣ୍ଣ ଭାଗିଦାରୀ ଭାବେ ଦାୟିତ୍ୱ ନିର୍ବାହ କରିଆସୁଛି ବୋଲି ଶ୍ରୀ ମଜୁମ୍‌ଦାର୍‌ କହିଛନ୍ତି ।

ବୈଦେଶିକ ସଚିବ ବିକ୍ରମ ମିଶ୍ରି କହିଛନ୍ତି, ଥାଇଲ୍ୟାଣ୍ଡ ଗସ୍ତ ସାରି ଶ୍ରୀ ମୋଦୀ ଶ୍ରୀଲଙ୍କା ଯିବେ । ଶ୍ରୀଲଙ୍କାର ରାଷ୍ଟ୍ରପତି ଅନୁରା କୁମାରା ଦିଶା ନାୟକେଙ୍କ ନିମନ୍ତ୍ରଣ କ୍ରମେ ସେ ଏହି ଗସ୍ତ କରିବେ । ଶ୍ରୀ ମୋଦୀଙ୍କର ଏହା ହେଉଛି ଚତୁର୍ଥ ଶ୍ରୀଲଙ୍କା ଗସ୍ତ । ଏହି ଅବସରରେ ଦୁଇ ନେତା ଭାରତର ସହାୟତାରେ ସେଠାରେ ନିର୍ମିତ ହୋଇଥିବା ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ କରିବେ । ସେହିଭଳି ଶକ୍ତି, ଡିଜିଟାଇଜେସନ୍ ଏବଂ ସ୍ୱାସ୍ଥ୍ୟ ଭଳି କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଦୁଇ ଦେଶ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହେବାର କାର୍ଯ୍ୟସୂଚୀ ରହିଛି । ଏପ୍ରିଲ୍ ୬ତାରିଖରେ ଉଭୟ ନେତା ସ୍ଥାନୀୟ ଐତିହାସିକ ସହର ଅନୁରାଧାପୁର ଗସ୍ତ କରି ଜୟଶ୍ରୀ ମହାବୋଧି ମନ୍ଦିରରେ ପୂଜାର୍ଚ୍ଚନା କରିବାର କାର୍ଯ୍ୟସୂଚୀ ରହିଛି । ଏତଦ୍‌ବ୍ୟତୀତ ଦୁଇ ନେତା ସେଠାରେ କାର୍ଯ୍ୟକାରୀ ହେବାକୁଥିବା ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି । ଭାରତର ପଡୋଶୀ ପ୍ରଥମ ନୀତିର ଶ୍ରୀଲଙ୍କା ହେଉଛି ଏକ ଅବିଚ୍ଛେଦ୍ୟ ଅଙ୍ଗ ଏବଂ ବିଭିନ୍ନ ଆହ୍ୱାନ ସମୟରେ ଦୁଇ ଦେଶ ପରସ୍ପର ସହିତ ସହଭାଗିତାରେ ଏହାର ମୁକାବିଲା କରିଛନ୍ତି ବୋଲି ଶ୍ରୀ ମିଶ୍ରି କହିଛନ୍ତି ।

## ହୋମ୍ ମିନିଷ୍ଟର-ଫାୟାର ସର୍ଭିସେସ୍

ଅଗ୍ନିଶମ ସେବାର ସଂପ୍ରସାରଣ ଏବଂ ଆଧୁନିକୀକରଣ ଲକ୍ଷ୍ୟ ନେଇ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ଗତକାଲି ଏକ ବୈଠକ ଅନୁଷ୍ଠିତ ହୋଇଛି । ୫ଟି ରାଜ୍ୟ ପାଇଁ ୧ ହଜାର ୬୦୪ କୋଟି ଟଙ୍କାର

ପ୍ରକଳ୍ପକୁ ବୈଠକରେ ଅନୁମୋଦନ କରାଯାଇଛି । ଏହି ରାଜ୍ୟଗୁଡ଼ିକ ହେଉଛି ବିହାର, ଗୁଜରାଟ, ଝାଡ଼ଖଣ୍ଡ, ମହାରାଷ୍ଟ୍ର ଏବଂ କେରଳ । ଅନ୍ୟପକ୍ଷରେ ଗତ ଅକ୍ଟୋବର ୨୦୨୩ରେ ସିକିମ୍‌ରେ ବନ୍ୟା ପରବର୍ତ୍ତୀ ପୁନଃନିର୍ମାଣ ଏବଂ ପୁନରୁଦ୍ଧାର କାର୍ଯ୍ୟ ପାଇଁ ବୈଠକରେ ୫ କୋଟିରୁ ଊର୍ଦ୍ଧ୍ୱ ଆର୍ଥିକ ଅନୁଦାନକୁ ମଂଜୁରି ପ୍ରଦାନ କରାଯାଇଛି । ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଦେଶରେ ବିପର୍ଯ୍ୟୟ ପରିଚାଳନାକୁ ସୁନିଶ୍ଚିତ କରିବା ନେଇ ଏହି ବୈଠକରେ ବିସ୍ତୃତ ଆଲୋଚନା ହୋଇଛି । କେନ୍ଦ୍ର ସରକାର ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ଅଧୀନରେ ୨୮ଟି ରାଜ୍ୟକୁ ୧୯ହଜାର କୋଟି ଟଙ୍କା ଚଳିତ ଆର୍ଥିକ ବର୍ଷରେ ପ୍ରଦାନ କରିଛନ୍ତି । ସେହିଭଳି ୧୬ଟି ରାଜ୍ୟକୁ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠି ଅଧୀନରେ ୩ ହଜାର ୨୨୯ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ପ୍ରଦାନ କରିଛନ୍ତି ବୋଲି ମନ୍ତ୍ରଣାଳୟ ସୂଚନା ଦେଇଛି ।

## ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଗତକାଲିର ମ୍ୟାଚ୍‌ରେ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ବିଜୟୀ ହୋଇଛି । ଚେନ୍ନାଇର ଏମ୍.ଏ. ଚିଦାମ୍ବରମ୍ ଷ୍ଟାଡିୟମ୍‌ଠାରେ ଗତ ସନ୍ଧ୍ୟାରେ ଖେଳାଯାଇଥିବା ମ୍ୟାଚ୍‌ରେ ବେଙ୍ଗାଲୁରୁ' ଚେନ୍ନାଇ ସୁପର କିଙ୍ଗ୍‌ସକୁ ୫୦ ରନ୍‌ରେ ହରାଇ ଦେଇଛି । ଟସ୍ ଜିତି ଚେନ୍ନାଇ' ବେଙ୍ଗାଲୁରୁକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା । ନିର୍ଦ୍ଧାରିତ ୨୦ ଓଭରରେ ବେଙ୍ଗାଲୁରୁ ୭ ୱିକେଟ୍ ବିନିମୟରେ ୧୯୬ ରନ୍ ସଂଗ୍ରହ

କରିଥିଲା । ୧୯୭ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଚେନ୍ନାଇ ୮ ଓ୍ୱିକେଟ୍ ବିନିମୟରେ ୧୪୬ ରନ୍ ସଂଗ୍ରହ କରିଥିଲା । ବେଙ୍ଗାଲୁରୁ ଦଳର ରଜତ ପଟିଦାରଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଛି ।

ଆଜି ଗୁଜରାଟ ଟାଇଟନ୍ସ ଏବଂ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ମୁକାବିଲା ହେବ । ଅହମ୍ମଦାବାଦର  ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଏହି ମ୍ୟାଚ୍ ସନ୍ଧ୍ୟା ସାଢ଼େ ୭ଟାରେ ଖେଳାଯିବ ।